# NATIONAL NEWS BULLETIN (ODIA)

## 13 February-2025

## Morning Bulletin : 7.15 a.m.

******************************

## ମୁଖ୍ୟ ସମ୍ବାଦ

- ଫ୍ରାନ୍ସ ଯାତ୍ରା ଶେଷ କରି ଅମେରିକାରେ ପହଞ୍ଚିଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ।

– ଆମେରିକା ରାଷ୍ଟ୍ରପତିଙ୍କ ସହ ଆଜି ଅନୁଷ୍ଠିତ ହେବ ଦ୍ୱିପାକ୍ଷିକ ଆଲୋଚନା ।

- ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ମୁକ୍ତ ବିଜୁଳି ଯୋଜନାକୁ ପୁରିଲା ଏକବର୍ଷ ।
- ଲୋକସଭାରେ ଆଜି ଆଗତ ହେବ ଆୟକର ବିଧେୟକ ୨୦୨୫ ।
- ରେଡ଼ିଓର ମହତ୍ୱ ବିଷୟରେ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଆଜି ପାଳିତ ହେଉଛି ବିଶ୍ୱ ରେଡ଼ିଓ ଦିବସ ।

ଏବଂ

- ତିନି ମ୍ୟାଚ୍ ବିଶିଷ୍ଟ ଦିନିକିଆ କ୍ରିକେଟ୍ ଶୃଙ୍ଖଳାରେ ଇଂଲଣ୍ଡକୁ ପରାସ୍ତ କରି ୩-୦ରେ ଭାରତ ସିରିଜ୍ ବିଜୟୀ ।

# ପିଏମ୍-ଆମେରିକା ଭିଜିଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଫ୍ରାନ୍ସ ଯାତ୍ରା ଶେଷ କରି ଆଜି ସକାଳେ ଓ୍ୱାଶିଂଟନ୍‌ରେ ପହଞ୍ଚିଛନ୍ତି । ଏହି ଗସ୍ତ ଅବସରରେ ଶ୍ରୀ ମୋଦୀ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା କରିବେ । ଆମେରିକାରେ ଅବସ୍ଥାପିତ ଭାରତର ରାଷ୍ଟ୍ରଦୂତ ବିନୟ ମୋହନ କ୍ୱାତ୍ରା ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ ବିମାନ ବନ୍ଦରରେ ପ୍ରଧାନମନ୍ତ୍ରୀଙ୍କୁ ସ୍ୱାଗତ କରିଥିଲେ । ପ୍ରବଳ ଥଣ୍ଡା ସତ୍ତ୍ୱେ ଶ୍ରୀ ମୋଦୀଙ୍କୁ ସ୍ୱାଗତ କରିବା ଲାଗି ବ୍ଲେୟାର୍ ହାଉସ୍ ବାହାରେ ଭାରତୀୟ ସମ୍ପ୍ରଦାୟ ଉପସ୍ଥିତ ଥିଲେ । ଡୋନାଲ୍ଡ ଟ୍ରମ୍ପ୍ ଦ୍ୱିତୀୟ ଥର ଲାଗି ଆମେରିକାର ରାଷ୍ଟ୍ରପତି ହେବା ପରେ ଶ୍ରୀ ମୋଦୀ ବିଶ୍ୱର ପ୍ରଥମ ପ୍ରମୁଖ ନେତାଙ୍କ ମଧ୍ୟରେ ଆମେରିକା ଗସ୍ତ କରିଛନ୍ତି । ଗସ୍ତରେ ଯିବା ପୂର୍ବରୁ ଶ୍ରୀ ମୋଦୀ କହିଥିଲେ, ତାଙ୍କର ଏହି ଗସ୍ତ ଦୁଇ ଦେଶ ମଧ୍ୟରେ ସହଯୋଗ ବୃଦ୍ଧି ଏବଂ ଦ୍ୱିପାକ୍ଷିକ ସମ୍ପର୍କ ଦୃଢ଼ କରିବା  ଉପରେ ଆଧାରିତ ହେବ ।

ଏହା ପୂର୍ବରୁ ପ୍ୟାରିସ୍‌ରେ ଦ୍ୱିପାକ୍ଷିକ ଆଲୋଚନା ସମୟରେ ଫ୍ରାନ୍ସ ରାଷ୍ଟ୍ରପତି ଇମାନୁୟେଲ୍ ମାକ୍ରୋନ୍‌ଙ୍କ ସହ ଭାରତ-ଫ୍ରାନ୍ସ ରଣନୈତିକ ସହଯୋଗ ପ୍ରତି ପ୍ରଧାନମନ୍ତ୍ରୀ ଦୃଢ଼ ପ୍ରତିବଦ୍ଧତା ପ୍ରକାଶ କରିଥିଲେ । ଉଭୟ ନେତା ପ୍ରତିରକ୍ଷା, ଆଣବିକ ଶକ୍ତି ଏବଂ ମହାକାଶ ଭଳି ଗୁରୁତ୍ୱପୂର୍ଣ୍ଣ

କ୍ଷେତ୍ରରେ ସହଯୋଗର ସମୀକ୍ଷା କରିଥିଲେ । ଆସନ୍ତା ବର୍ଷ ହେବାକୁ ଥିବା ଭାରତ-ଫ୍ରାନ୍ସ ଇନୋଭେସନ୍ ବର୍ଷ ଉପରେ ସ୍ୱତନ୍ତ୍ର ଭାବେ ଗୁରୁତ୍ୱ ଦେବା ସହ ପ୍ରଯୁକ୍ତି, ଉଦ୍ଭାବନ ଏବଂ ନିବେଶ ସମ୍ପର୍କକୁ ପ୍ରୋତ୍ସାହିତ କରିବା ଉପରେ ଉଭୟ ନେତାଙ୍କ ମଧ୍ୟରେ ହୋଇଥିବା ଆଲୋଚନା ଫଳପ୍ରଦ ହୋଇଥିବା ଜଣାପଡ଼ିଛି ।

ଫ୍ରାନ୍ସ ରାଷ୍ଟ୍ରପତିଙ୍କ ସହ ଶ୍ରୀ ମୋଦୀ କୃତ୍ରିମ ବୁଦ୍ଧିମତା ସମ୍ପର୍କିତ ଶିଖର ସମ୍ମିଳନୀରେ ସହ-ଅଧ୍ୟକ୍ଷତା କରିଥିଲେ । ଏକ ମିଳିତ ବିବୃତ୍ତିରେ ଭାରତ-ଫ୍ରାନ୍ସ ମଧ୍ୟରେ ପରମାଣୁ ଶକ୍ତି, ପରିବେଶ ଏବଂ ସଂସ୍କୃତି କ୍ଷେତ୍ର ସମେତ ଅନ୍ୟ କେତେକ କ୍ଷେତ୍ରରେ ୧୦ଟି ଚୁକ୍ତି ସ୍ୱାକ୍ଷରିତ ହୋଇଛି । ଉଭୟ ନେତା ମାର୍ସେଲିରେ ଭାରତର ନୂଆ ଦୂତାବାସ ଉଦ୍‌ଘାଟନ କରିଥିଲେ ।

ବୈଦେଶିକ ସଚିବ ବିକ୍ରମ ମିଶ୍ରି କହିଛନ୍ତି, ପ୍ରଧାନମନ୍ତ୍ରୀ ମୋଦୀ ଏବଂ ଫ୍ରାନ୍ସ ରାଷ୍ଟ୍ରପତି ମାକ୍ରୋନ୍ ୟୁରୋପ, ପଶ୍ଚିମ ଏସିଆ ଏବଂ ଭାରତ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳର ଭୌଗଳିକ ରାଜନୈତିକ ପରିସ୍ଥିତି ଉପରେ ଆଲୋଚନା କରିଛନ୍ତି ।

# ପିଏମ୍-ସୂର୍ଯ୍ୟଘର

ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ମୁକ୍ତ ବିଜୁଳି ଯୋଜନାକୁ ଆଜି ଏକବର୍ଷ ପୂରଣ ହୋଇଛି । ଛାତ ଉପରେ ସୌର ପ୍ୟାନେଲ୍ ଲଗାଇ ମାଗଣା ବିଜୁଳି ସଂଯୋଗ କରି ପରିବାର ଗୁଡ଼ିକୁ ସଶକ୍ତ କରିବା କ୍ଷେତ୍ରରେ ଗତ ୧ ବର୍ଷ ମଧ୍ୟରେ ୮ ଲକ୍ଷ ୪୦ ହଜାରରୁ ଅଧିକ ପରିବାର ଉପକୃତ ହୋଇଥିବା ସୂଚନା ମିଳିଛି ।

ଗତବର୍ଷ ଫେବୃୟାରୀ ୧୩ ତାରିଖରେ ଏହି ପଦକ୍ଷେପ ଆରମ୍ଭ ହୋଇଥିଲା । ଭାରତର ଭବିଷ୍ୟତର ପରିବର୍ତ୍ତନକୁ ପ୍ରୋତ୍ସାହିତ କରିବା ଏବଂ ସାରା ଦେଶରେ ଘରେ ଘରେ ସ୍ୱଚ୍ଛ ଓ ଅକ୍ଷୟ ଶକ୍ତି ପ୍ରଦାନ କରିବା କ୍ଷେତ୍ରରେ ପି.ଏମ୍. ସୂର୍ଯ୍ୟଘର ଯୋଜନା ସଫଳତା ଲାଭ କରିଛି । ଏହି ଯୋଜନାରେ ୪୦ ପ୍ରତିଶତ ପର୍ଯ୍ୟନ୍ତ ରିହାତି ପ୍ରଦାନ କରାଯାଉଛି । ଆଜି ସୁଦ୍ଧା ୫ ଲକ୍ଷ ୫୪ ହଜାର ଆବାସିକ ଉପଭୋକ୍ତାଙ୍କୁ କେନ୍ଦ୍ରୀୟ ଆର୍ଥିକ ସହାୟତା ଭାବରେ ୪ ହଜାର ୩୦୦ କୋଟିରୁ ଅଧିକ ଟଙ୍କା ଏବଂ ପ୍ରତ୍ୟେକ ପରିବାରକୁ ୭୭ ହଜାରରୁ ଅଧିକ ଟଙ୍କା ରିହାତି ପ୍ରଦାନ କରାଯାଇଛି । ଏବେ ଦେଶରେ ସୌରଶକ୍ତି ବ୍ୟବହାର କରି ପ୍ରାୟ ୪୫ ପ୍ରତିଶତ ହିତାଧିକାରୀ ଲାଭାନ୍ୱିତ ହୋଇଛନ୍ତି । ୨୦୨୭ ସୁଦ୍ଧା ୧ କୋଟି ପରିବାରକୁ ସୌରଶକ୍ତି ଯୋଗାଇବା ପାଇଁ କେନ୍ଦ୍ର ସରକାର ଲକ୍ଷ୍ୟ ରଖିଥିବା ଜଣାପଡ଼ିଛି ।

## ଲୋକସଭା-ଆୟକର ବିଧେୟକ

ଲୋକସଭାରେ ଆଜି ଆୟକର ବିଧେୟକ ୨୦୨୫ ଆଗତ କରାଯିବ । ଆୟକର ସମ୍ବନ୍ଧିତ ନିୟମକୁ ସଂଶୋଧନ କରିବା ଉଦ୍ଦେଶ୍ୟରେ ଏହି ବିଧେୟକ ଆଗତ କରାଯିବ ବୋଲି ଜଣାପଡ଼ିଛି । ଗତ ବଜେଟ୍ ଭାଷଣରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ନୂଆ ଆୟକର ବିଧେୟକ ଆଣିବା ଲାଗି ଘୋଷଣା କରିଥିଲେ । ସେ ଘୋଷଣା କରିଥିଲେ ଯେ ୧୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆୟ ଥିବା ଲୋକମାନଙ୍କୁ କୌଣସି ଆୟକର ଦେବାକୁ ପଡ଼ିବ ନାହିଁ । ଏହାଛଡ଼ା ଆଜି ଉଭୟ ଲୋକସଭା ଏବଂ ରାଜ୍ୟସଭାରେ ୱାକଫ୍ ସଂଶୋଧନ ବିଧେୟକ ୨୦୨୪ ଉପରେ ଯୁଗ୍ମ ସଂସଦୀୟ କମିଟି ରିପୋର୍ଟ ଉପସ୍ଥାପନ ହେବ । ଆଜି ସଂସଦର ବଜେଟ୍ ଅଧିବେଶନର ପ୍ରଥମ ପର୍ଯ୍ୟାୟର ଶେଷ ଦିନ ।

## ୱାର୍ଲ୍ଡ ରେଡିଓ ଡେ

ରେଡିଓର ମହତ୍ୱ ବିଷୟରେ ଲୋକମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଏବଂ ରେଡିଓ ମାଧ୍ୟମରେ ସୂଚନା ପାଇବା ଲାଗି ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ଆଜି ବିଶ୍ୱ ରେଡିଓ ଦିବସ ପାଳନ କରାଯାଉଛି । ରେଡ଼ିଓର ଅନନ୍ୟ ଶକ୍ତିକୁ ମନେ ପକାଇ ପୃଥିବୀର କୋଣଅନୁକୋଣରୁ

ଲୋକମାନଙ୍କୁ ଗୋଟିଏ ମଞ୍ଚରେ ଏକାଠି କରିବାର ବାର୍ତ୍ତା ଦେଉଛି ବିଶ୍ୱ ରେଡିଓ ଦିବସ । ଚଳିତ ବର୍ଷ ବିଶ୍ୱ ରେଡ଼ିଓ ଦିବସର ବାର୍ତ୍ତା ରହିଛି, "ରେଡ଼ିଓ ଏବଂ ଜଳବାୟୁ ପରିବର୍ତ୍ତନ" ।

ବିଶ୍ୱ ରେଡ଼ିଓ ଦିବସ ଅବସରରେ ୟୁନେସ୍କୋର ମହାନିର୍ଦ୍ଦେଶକ ଅଦ୍ରେ ଅଜାଲେ କହିଛନ୍ତି, ବିଶ୍ୱ ରେଡ଼ିଓ ଦିବସ ହେଉଛି ଯୋଗାଯୋଗର ସ୍ଥାୟୀ, ବହୁମୁଖୀ ଏବଂ ବ୍ୟାପକ ଉପଲବ୍ଧତାକୁ ପାଳନ କରିବାର ଏକ ସୁଯୋଗ । ସେ କହିଛନ୍ତି, ଦ୍ରୁତ ଗତିରେ ପରିବର୍ତ୍ତନ ହେଉଥିବା ବିଶ୍ୱ ଜଳବାୟୁ ଜନିତ ବିପର୍ଯ୍ୟୟର ପ୍ରଭାବକୁ ହ୍ରାସ କରିବା ପାଇଁ ରେଡ଼ିଓ ଦକ୍ଷତାର ସହ କାର୍ଯ୍ୟ କରୁଛି ।

ଏହି ଦିବସ ଅବସରରେ ପ୍ରସାର ଭାରତୀର ଅଧ୍ୟକ୍ଷ ନବନୀତ କୁମାର ସେହେଗଲ କହିଛନ୍ତି, ଖବର ଓ ସୂଚନା ପ୍ରସାରଣ ମାଧ୍ୟମରେ ଦେଶରେ ସାଂସ୍କୃତିକ ଓ ଅର୍ଥନୈତିକ ବିକାଶରେ ରେଡ଼ିଓର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ସେ କହିଛନ୍ତି, 'ବହୁଜନ ସୁଖାୟ' ଆଦର୍ଶରେ ବିଶ୍ୱର ସବୁଠାରୁ ବଡ଼ ରେଡ଼ିଓ ନେଟ୍‌ୱର୍କ ଆକାଶବାଣୀ ଦେଶବାସୀଙ୍କ ନିକଟରେ ପହଞ୍ଚି ପାରୁଛି ।

ପ୍ରସାରଭାରତୀର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଗୌରବ ଦ୍ୱିବେଦୀ ବିଶ୍ୱ ରେଡ଼ିଓ ଦିବସ ଅବସରରେ ସମସ୍ତ ଶ୍ରୋତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ସେ କହିଛନ୍ତି, ଆକାଶବାଣୀ ଭାରତର ସମୃଦ୍ଧ ସଂସ୍କୃତି ଓ

ପରମ୍ପରାର ଏକ ନିଷ୍ଠ ବାହକ ହୋଇଥିବା ବେଳେ ସାଧାରଣ ଲୋକଙ୍କୁ ଦେଶର ବୈଜ୍ଞାନିକ ପ୍ରଗତିର ସଫଳତା ସହ ଯୋଡ଼ିବାରେ ସକ୍ଷମ ହୋଇଛି । ସେ କହିଛନ୍ତି, ଦୈନନ୍ଦିନ ଜୀବନର ସମସ୍ତ ଦିଗକୁ ଆକାଶବାଣୀ ଲୋକମାନଙ୍କ ନିକଟରେ ପହଞ୍ଚାଇବାରେ ସଫଳ ହୋଇଛି ।

ବିଶ୍ୱ ରେଡ଼ିଓ ଦିବସ ଅବସରରେ ଶୁଭେଚ୍ଛା ଜଣାଇ ଆକାଶବାଣୀର ମହାନିର୍ଦ୍ଦେଶକ ଡକ୍ଟର ପ୍ରଜ୍ଞା ପାଲିୱାଲ ଗୌର କହିଛନ୍ତି, ୯ ଦଶନ୍ଧି ଧରି ଆକାଶବାଣୀ ସୂଚନା, ଶିକ୍ଷା ଓ ମନୋରଂଜନ ମାଧ୍ୟମରେ ଶ୍ରୋତାଙ୍କ ପାଖରେ ପହଞ୍ଚୁଛି । ସେ କହିଛନ୍ତି, **V/O**

## ମହାକୁମ୍ଭ-ଟ୍ରାନ୍ସପୋର୍ଟେସନ୍

ପ୍ରୟାଗରାଜ ମହାକୁମ୍ଭରେ ଶ୍ରଦ୍ଧାଳୁ ଓ ପର୍ଯ୍ୟଟକଙ୍କ ଯାତ୍ରାକୁ ସହଜ କରିବା ଲାଗି ଇ-ରିକ୍ସା ଏବଂ ଅଟୋ ରିକ୍ସା ସହିତ ସଟଲ୍ ବସ୍ ସେବା ଆରମ୍ଭ ହେବ । ଏ ନେଇ ଗତକାଲି ଏକ ବୈଠକରେ ନିଷ୍ପତ୍ତି ହୋଇଛି । ମହାକୁମ୍ଭରେ ନୂଆ ଟ୍ରାଫିକ୍ ବ୍ୟବସ୍ଥା ଦ୍ୱାରା ଭକ୍ତମାନେ ସଂଗମରେ ପହଞ୍ଚିବା ପାଇଁ ଅଧିକ ସୁବିଧାଜନକ ବିକଳ୍ପ ପାଇବେ ଏବଂ ଶ୍ରଦ୍ଧାଳୁମାନଙ୍କୁ ଅଧିକ ଦୂର ଚାଲିବାକୁ ପଡ଼ିବ ନାହିଁ । ପ୍ରୟାଗରାଜ ଜିଲ୍ଲାପାଳ ରବୀନ୍ଦ୍ର ମାଦଣ୍ଡ କହିଛନ୍ତି, ପୂର୍ବରୁ ପାର୍କିଂ ସ୍ଥଳରୁ ସଂଗମ ପର୍ଯ୍ୟନ୍ତ ଚାଲି ଚାଲି

ଯିବାକୁ ପଡୁଥିବା ବେଳେ ଶ୍ରଦ୍ଧାଳୁଙ୍କ ସୁବିଧାକୁ ଦୃଷ୍ଟିରେ ରଖି ଏହି ନିଷ୍ପତ୍ତି ନିଆଯାଇଛି ।

ସେ କହିଛନ୍ତି, ଆଜିଠାରୁ ସହରର ସମସ୍ତ କାର୍ଯ୍ୟାଳୟ ଓ ପ୍ରତିଷ୍ଠାନ ଖୋଲା ରହିବ । ନିରବଚ୍ଛିନ୍ନ ଯାତାୟତ ବଜାୟ ରଖିବା ପାଇଁ ନୂଆ ଟ୍ରାଫିକ୍ ବ୍ୟବସ୍ଥା ଆଜିଠାରୁ କାର୍ଯ୍ୟକାରୀ ହେବ । ଅନ୍ୟ ପକ୍ଷରେ ଆସନ୍ତାକାଲି ଓ ଶନିବାର ଦିନ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ମହାକୁମ୍ଭକୁ ଆସୁଥିବାରୁ ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ଯୋଜନା କରାଯାଇଥିବା ଜଣାପଡ଼ିଛି । ତେବେ ସିବିଏସ୍‌ଇ ଏବଂ ଆଇସିଏସ୍‌ସି ପରୀକ୍ଷା ଆସନ୍ତାକାଲି ଠାରୁ ଆରମ୍ଭ ହେଉଥିବାରୁ ପରୀକ୍ଷାର୍ଥୀମାନେ ଯେଭଳି ସୁବିଧାରେ ପରୀକ୍ଷା କେନ୍ଦ୍ରକୁ ଯାଇପାରିବେ ସେ ନେଇ ମଧ୍ୟ ବ୍ୟବସ୍ଥା କରାଯାଇଥିବା ଶ୍ରୀ ମାଦଣ୍ଡ କହିଛନ୍ତି ।

## ଏଡିଏନ୍‌ଓସି-ଆଇଓସିଏଲ୍

ଆବୁଧାବି ନ୍ୟାସନାଲ୍ ଅଏଲ୍ କମ୍ପାନୀ ତରଳୀକୃତ ପ୍ରାକୃତିକ ଗ୍ୟାସ୍ ଯୋଗାଣ ନିମନ୍ତେ ଇଣ୍ଡିଆନ୍ ଅଏଲ୍ କର୍ପୋରେସନ୍ ଲିମିଟେଡ୍ ସହିତ ବୁଝାମଣାପତ୍ର ସ୍ୱାକ୍ଷର କରିଛି । ୟୁନାଇଟେଡ୍ ଆରବ ଏମିରେଟ୍ସ ଏବଂ ଭାରତ ମଧ୍ୟରେ ଶକ୍ତି ସହଯୋଗ କ୍ଷେତ୍ରରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ବୁଝାମଣା ବୋଲି ବିବେଚନା କରାଯାଉଛି । ଆସନ୍ତା ୧୪ ବର୍ଷ ପାଇଁ ୯ ବିଲିୟନ୍ ଡଲାର୍ ସମ୍ବଳିତ ବିକ୍ରି ଓ କ୍ରୟ ଚୁକ୍ତି ଆସନ୍ତାବର୍ଷ ଠାରୁ ଆରମ୍ଭ

ହେବ । ଏହା ଫଳରେ ଇଣ୍ଡିଆନ୍ ଅଏଲ୍ କର୍ପୋରେସନ୍‌କୁ ବର୍ଷକୁ ୧୨ ଲକ୍ଷ ଟନ୍ ତରଳୀକୃତ ପ୍ରାକୃତିକ ଗ୍ୟାସ୍ ମିଳିବ ।

## ତୁଲସି ଗବାର୍ଡ-ଡିଏନ୍‌ଆଇ

ଆମେରିକାର ଟ୍ରମ୍ପ୍ ପ୍ରଶାସନ ଅଧୀନରେ ନୂଆ ରାଷ୍ଟ୍ରୀୟ ଗୁଇନ୍ଦା ନିର୍ଦ୍ଦେଶକ ଭାବେ ତୁଲସୀ ଗବାର୍ଡଙ୍କୁ ନିଯୁକ୍ତି ମିଳିଛି । ଆମେରିକାର ବିଭିନ୍ନ ଗୁଇନ୍ଦା ସଂସ୍ଥାର କାର୍ଯ୍ୟ ତଦାରଖ କରିବା ଏବଂ ସମନ୍ୱୟ ପାଇଁ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କ ଦ୍ୱାରା ମନୋନୀତ ଗବାର୍ଡଙ୍କୁ ସିନେଟ୍ ପକ୍ଷରୁ ସମର୍ଥନ ମିଳିଥିଲା । ପୂର୍ବତନ ଡେମୋକ୍ରାଟିକ୍ ପ୍ରତିନିଧି ଗବାର୍ଡ଼ଙ୍କୁ ଦେଶର ଡି.ଏନ୍.ଆଇ. ଭାବେ ସିନେଟ୍‌ରେ ୫୨ଟି ଭୋଟ୍‌ରୁ ୪୮ଟି ଭୋଟ୍ ମିଳିଥିଲା ।

୨୦୨୦ ନିର୍ବାଚନରେ ରାଷ୍ଟ୍ରପତି ପଦ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରି ବିଫଳ ହେବା ପରେ ଗବାର୍ଡ଼ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କ ସମର୍ଥକ ପାଲଟି ଯାଇଥିଲେ । ୨୦୨୨ରେ ସେ ଡେମୋକ୍ରାଟିକ୍ ଦଳ ପରିତ୍ୟାଗ କରି ସ୍ୱାଧୀନ ପ୍ରାର୍ଥୀ ଭାବେ ପଞ୍ଜିକୃତ ହୋଇଥିଲେ । ନିର୍ବାଚନର କିଛି ମାସ ପୂର୍ବରୁ ସେ ଡୋନାଲ୍ଡ ଟ୍ରମ୍ପ୍‌ଙ୍କୁ ସମର୍ଥନ କରିବା ସହ ଗତ ବର୍ଷ ଅକ୍ଟୋବର ମାସରେ ଆନୁଷ୍ଠାନିକ ଭାବେ ରିପବ୍ଲିକ୍ ପାର୍ଟିରେ ଯୋଗ ଦେଇଥିଲେ ।

# ଟ୍ରମ୍ପ-ରୁଷ-ୟୁକ୍ରେନ୍

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ରୁଷ ରାଷ୍ଟ୍ରପତି ଭ୍ଲାଦିମିର୍ ପୁତିନ୍ ଏବଂ ୟୁକ୍ରେନ୍ ରାଷ୍ଟ୍ରପତି ଭୋଲଦିମିର୍ ଜେଲେନ୍ସ୍କିଙ୍କ ସହିତ ଟେଲିଫୋନ୍‌ରେ ରୁଷ-ୟୁକ୍ରେନ୍ ଯୁଦ୍ଧ ସମ୍ପର୍କରେ ଆଲୋଚନା କରିଛନ୍ତି । ଶ୍ରୀ ଟ୍ରମ୍ପ୍ ଓ ଶ୍ରୀ ପୁତିନ୍ ଏହି ସମ୍ବନ୍ଧରେ ତୁରନ୍ତ ଆଲୋଚନା ଆରମ୍ଭ କରିବା ପାଇଁ ସହମତି ଜଣାଇଛନ୍ତି । ଶ୍ରୀ ଟ୍ରମ୍ପ୍ କହିଛନ୍ତି, ୟୁକ୍ରେନ୍ ରାଷ୍ଟ୍ରପତି ଜେଲେନ୍ସ୍କିଙ୍କୁ ଆଲୋଚନାର ସୂଚନା ଦିଆଯିବ । ୟୁକ୍ରେନ୍ ରାଷ୍ଟ୍ରପତିଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି, ଆମେରିକା ରାଷ୍ଟ୍ରପତି ଏବଂ ଜେଲେନ୍ସ୍କି ପ୍ରାୟ ୧ ଘଣ୍ଟା ଧରି ଫୋନ୍‌ରେ କଥାବାର୍ତ୍ତା କରିଛନ୍ତି । ରୁଷ କହିଛି, ଶ୍ରୀ ପୁତିନ ଏବଂ ଶ୍ରୀ ଟ୍ରମ୍ପ୍ ସାକ୍ଷାତ ଆଲୋଚନା ପାଇଁ ସହମତ ହୋଇଛନ୍ତି । ରାଷ୍ଟ୍ରପତି ପୁତିନ୍ ମଧ୍ୟ ଆମେରିକା ରାଷ୍ଟ୍ରପତିଙ୍କୁ ମସ୍କୋ ଆସିବାକୁ ନିମନ୍ତ୍ରଣ ଦେଇଛନ୍ତି ।

# କ୍ରିକେଟ୍

ତିନି ମ୍ୟାଚ୍ ବିଶିଷ୍ଟ ଦିନିକିଆ ପୁରୁଷ କ୍ରିକେଟ୍ ଶୃଙ୍ଖଳାର ତୃତୀୟ ମ୍ୟାଚ୍‌ରେ ଭାରତ ବିଜୟ ଲାଭ କରିଛି । ଇଂଲଣ୍ଡକୁ ଗତକାଲି ୧୪୨ରନ୍‌ରେ ପରାସ୍ତ କରି ଭାରତ ୩-୦ରେ ଶୃଙ୍ଖଳା ଜିତିଛି । ପ୍ରଥମ ବ୍ୟାଟିଂ କରି ଭାରତ ୫୦ ଓଭରରେ ୩୫୬ରନ୍ ସ୍କୋର କରିଥିଲା ।

ଶୁଭମନ ଗିଲ୍ ୧୧୨ରନ୍ କରିଥିବା ବେଳେ ବୀରାଟ କୋହଲି ଓ ଶ୍ରେୟସ୍ ଆୟର ଅର୍ଦ୍ଧଶତକ କରିଥିଲେ । କେ.ଏଲ୍. ରାହୁଲ ୨୯ଟି ବଲ୍‌ରୁ ୪୦ରନ୍ ସଂଗ୍ରହ କରିଥିଲେ ।